## ସଂକ୍ଷେପରେ

### ‘ରାଷ୍ଟ୍ରର ଏକତା ହିଁ ବିକାଶର ପରିଭାଷା’



**ଅନୁଗୋଳ ଅଫିସ,୧୮।୬:** ଅନ୍ତଃରାଷ୍ଟ୍ରୀୟ ବସୁନ୍ଧରା ପରିବାର ଭାରତ ଦର୍ଶନ ଯାତ୍ରା ଉତ୍କଳ ପ୍ରାନ୍ତରୁ ଆରମ୍ଭ ହୋଇଛି। ଗତ ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ଏକ କର୍ମଶାଳା ମାଧମରେ ଏହାର ଶୁଭାରମ୍ଭ ହୋଇଛି। ଶୁକ୍ରବାର ଅନୁଗୋଳ ଶିଶୁ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ ମହିଳା ସମାବେଶରେ ବସୁନ୍ଧରା ପରିବାରର ପ୍ରତିଷ୍ଠାତା ଗୁରୁଜୀ ଯୋଗଦେଇ ରାଷ୍ଟ୍ରର ଏକତା ହିଁ ବିକାଶର ପରିଭାଷା ବୋଲି କହିଥିଲେ। ସେ ଆହୁରି କହିଥିଲେ, ବିଶ୍ୱର ଯେତେ ଶିକ୍ଷା ପ୍ରଣାଳୀ ରହିଛି ତା'ଠାରୁ ସ୍ୱତନ୍ତ୍ର ଶିକ୍ଷା ପ୍ରଣାଳୀ ମାଧମରେ ପ୍ରଥମ ଶ୍ରେଣୀଠାରୁ ପିଏଚଡି ପର୍ଯ୍ୟନ୍ତ ବିନାମୂଲ୍ୟରେ ଶିକ୍ଷାଦାନ କରାଯାଉଛି। ବସୁନ୍ଧରା ଗୁରୁକୁଳମ୍ ମାଗଣାରେ ଆଇଏଏସ୍ ବା ୟୁପିଏସ୍‌ସି ଶିକ୍ଷାଦାନ କରୁଛି। ଭାରତର ସାର୍ବଭୌମତାକୁ ବଞ୍ଚାଇ ରଖିବା ନିମନ୍ତେ ବସୁନ୍ଧରା ପରିବାର ୧୧୮ ଦେଶରେ ୧୮୨ ଗୋଟି ବିଭିନ୍ନ ସଙ୍ଗଠନ ଗଠନ କରିଛି ବୋଲି ଏହାର ପ୍ରତିଷ୍ଠାତା ଗୁରୁଜୀ ପ୍ରକାଶ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ବସୁନ୍ଧରା ପରିବାରର ଜଗନ୍ନାଥ ସିଂହ, ମହିଳା ସଙ୍ଗଠକ ମମତା ପଣ୍ଡା, ଅଖିଳ ଭାରତୀୟ ବସୁନ୍ଧରା କାର୍ଯ୍ୟକାରୀ ସଦସ୍ୟ ବିଜୟ ମୋଦି ମଞ୍ଚାସୀନ ରହିଥିବାବେଳେ ଶତାଧିକ ମହିଳା ସମାବେଶରେ ଯୋଗ ଦେଇଥିଲେ।

### ବଜ୍ରପାତରେ ଯୁବଚାଷୀଙ୍କ ମୃତ୍ୟୁ

**ଭୁବନ, ୧୮।୬(ଡି.ଏନ୍.ଏ.):** ବିଲକୁ ତଳି ଦେଖିବାକୁ ଯାଇଥିବାବେଳେ ବଜ୍ରପାତରେ ଜଣେ ଯୁବଚାଷୀଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଢେଙ୍କାନାଳ ଜିଲା ଭୁବନ ଥାନା ମନ୍ଦାର ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି। ପରିବାର ଲୋକଙ୍କ କହିବା କଥା, ଲକ୍ଷ୍ମୀଧର ସାହୁଙ୍କ ପୁଅ ବାସୁଦେବ (୩୪) ଶନିବାର ଅପରାହ୍ଣରେ ଜମିକୁ ଯାଇଥିବାବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ଯୁବକ ଘଟଣା ସମ୍ପର୍କରେ ବାସୁଦେବଙ୍କ ପରିବାରକୁ ସୂଚନା ଦେଇଥିଲେ। ଘର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ତେବେ ଦୀର୍ଘ ୨ଘଣ୍ଟା ଧରି ଅପେକ୍ଷା କରିବା ସତ୍ତ୍ୱେ ଆମ୍ବୁଲାନ୍ସ ନ ଆସିବାରୁ ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ବାସୁଦେବଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରବିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# କାର୍‌ରେ ଢେଙ୍କାନାଳରୁ ଲଦାଖ

**ଢେଙ୍କାନାଳ ଅଫିସ, ୧୮।୬**

କାର୍‌ରେ ଢେଙ୍କାନାଳରୁ ଲଦାଖ। ଲଦାଖରୁ ପୁଣି ଢେଙ୍କାନାଳ। ମୋଟ ୪,୭୫୦ କିଲୋମିଟରର ଯାତ୍ରା। ବରଫାବୃତ୍ତ ପାହାଡ଼, ସଂକୀର୍ଣ୍ଣ ରାସ୍ତା, ଅକ୍ସିଜେନ ସମସ୍ୟା ମଧ୍ୟରେ ପାଦେ ପାଦେ ମୃତ୍ୟୁର ଭୟ। ଏଭଳି ଏକ ଦୁଃସାହସିକ ଯାତ୍ରା କରି ସୁରକ୍ଷିତ ଭାବେ ବାହୁଡ଼ିଛନ୍ତି ଢେଙ୍କାନାଳ ସହରର ୯ଜଣ ଯାତ୍ରୀ। ଏହି ବିପଦପୂର୍ଣ୍ଣ ଯାତ୍ରା କେତେ ସଂଘର୍ଷପୂର୍ଣ୍ଣ ଥିଲା, ତାହାର ତିକ୍ତ ମଧୁର ଅନୁଭୂତି ବାଣ୍ଟିଛନ୍ତି ସେମାନେ। ଭାରତରେ ଯାହା ଅଛି ସୁଇଜରଲାଣ୍ଡରେ ମଧ ନ ଥିବ। ଆମର ପର୍ଯ୍ୟଟନ ସ୍ଥଳୀ, ପ୍ରାକୃତିକ ପରିବେଶ ଅବର୍ଣ୍ଣନୀୟ ବୋଲି କହିଛନ୍ତି ସମ୍ପୃକ୍ତ ଯାତ୍ରୀ।

ଢେଙ୍କାନାଳ ସହରର ଅମିୟ ଭୂଷଣ ସାହୁ(୪୮)ଙ୍କ ନେତୃତ୍ୱରେ ଆଇନଜୀବୀ ପ୍ରଶାନ୍ତ କୁମାର ସାହୁ (୫୧), ପ୍ରସନ୍ନଜିତ୍ ମହାରଣା (୪୧), ରୂପେଶ ପଟ୍ଟନାୟକ (୪୨), କୁମାର ହିତେଶ (୨୯), ଯଶୋବନ୍ତ ସାହୁ (୨୭), ମୁସ୍ତାକ ଆବିଦ ବକ୍ସ (୨୬), ରଣଜିତ୍ ବିଶ୍ୱାଳ (୪୪), ନିରଜ କୁମାର ରାଉତ (୪୪) ପ୍ରମୁଖ ୯ଜଣ ଦୁଇଟି କାର୍‌ରେ ଗତ ମେ ୩୧ ଅପରାହ୍ଣ ୪ଟାରେ ଲଦାଖ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସୁନ୍ଦରଗଡ଼, ଛତିଶଗଡ଼ର ଅମ୍ବିକାପୁର, ଉତ୍ତରପ୍ରଦେଶର ପ୍ରୟାଗରାଜ, ଆଗ୍ରା, ଗ୍ରେଟର ନଏଡା, କୁରୁକ୍ଷେତ୍ର, ପାନିପତ୍, ସୋନେପତ୍, ଚଣ୍ଡିଗଡ଼ ଦେଇ ୨ତାରିଖରେ ପହଞ୍ଚିଥିଲେ ମୋନାଲିରେ। ସେଠାରେ ଇକୋ ଗ୍ରୀନ୍ ଫ୍ରି ବାବଦରେ ଜଣ ପିଛା ୪୯୦ଟଙ୍କା ଡିପୋଜିଟ୍ କରିଥିଲେ। ଏହାପରେ ରୋହତକ, ଅଟଳ ଟନେଲ, ଲାହାଉଲ୍ ଓ ସ୍ପୀତି ଦେଇ ୫ ତାରିଖ ରାତି ୧୨ଟାରେ ପହଞ୍ଚିଥିଲେ ଲଦାଖରେ। ଅକ୍ସିଜେନ ସମସ୍ୟା କାରଣରୁ ଡାକ୍ତର ଏବଂ ପର୍ଯ୍ୟଟନ ବିଭାଗର ପରାମର୍ଶକ୍ରମେ ୨ଦିନ ଗୋଟିଏ ହୋଟେଲରେ ବିଶ୍ରାମ ନେଇଥିଲେ। ସେମାନଙ୍କୁ ଡାଏମକ୍ସ ଟାବଲେଟ୍ ସେବନ କରିବାକୁ ପଡ଼ିଥିଲା। ଅକ୍ସିଜେନ ସ୍ତର ୫୫ରୁ ୬୫କୁ ଖସିଆସିଥିବାବେଳେ କେତେଜଣଙ୍କ ନାକରୁ ରକ୍ତସ୍ରାବ ହୋଇଥିଲା।

ପ୍ରତିକୂଳ ସ୍ଥିତି ସତ୍ତ୍ୱେ ଲଦାଖ, କାରଗିଲ, ଡ୍ରାସ୍ ସମେତ ଅନ୍ୟାନ୍ୟ ସ୍ଥାନ ପରିଭ୍ରମଣ କରି ୯ ତାରିଖ ରାତିରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ପର୍ଯ୍ୟାୟକ୍ରମେ ଶ୍ରୀନଗର, ଜମ୍ମୁ, ପଠାନକୋଟ, ଲୁଧିଆନା, ସୋନେପତ, ପାନିପତ୍, ଆଗ୍ରା, ପ୍ରୟାଗରାଜ, ରାଞ୍ଚି, ଚାଇଁବସା, କେନ୍ଦୁଝର ଦେଇ ଜୁନ୍ ୧୨ ରାତି ପ୍ରାୟ ୧ଟାରେ ଢେଙ୍କାନାଳରେ ପହଞ୍ଚିଥିଲେ। ଅନବରତ ଗାଡ଼ି ଚାଳନା, ଘାଟିରାସ୍ତାରେ ଡ୍ରାଇଭିଂ ଚ୍ୟାଲେଞ୍ଜିଂ ଥିଲା। ତେବେ ବର୍ଡର ରୋଡ୍ ଅର୍ଗାନାଇଜେଶନ ଫୋର୍ସ ଓ ସାମରିକ ବାହିନୀର ସହଯୋଗ ଭୁଲି ହେବନି। ଏହି ଅଭିଜ୍ଞତା ସମ୍ପୂର୍ଣ୍ଣ ନୂଆ ବୋଲି ଅଭିଯାତ୍ରୀ ଦଳ କହିଛନ୍ତି।



ଲଦାଖରେ ଢେଙ୍କାନାଳର ୯ ଅଭିଯାତ୍ରୀ।

■ଦୁଃସାହସିକ ଯାତ୍ରାର ଅନୁଭୂତି ବାଣ୍ଟିଲେ ୯ ଯାତ୍ରୀ

■ଭାରତରେ ଯାହା ଅଛି, ସୁଇଜରଲାଣ୍ଡରେ ମଧ ନ ଥିବ

### ଅଳ୍ପ ଖାଦ୍ୟ ଖାଉଥିଲେ, ପ୍ରଚୁର ପାଣି ପିଉଥିଲେ

ଲଦାଖ ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ। ଚାରିଆଡ଼େ ବରଫ। ବଡ଼ଗଛ ପ୍ରାୟ ନାହିଁ। ଦିନରେ ସର୍ବାଧିକ ତାପମାତ୍ରା ୧୮ ଡିଗ୍ରୀ ରହୁଥିବାବେଳେ ରାତିରେ ମାଇନସ୍ ୮ ଡିଗ୍ରୀକୁ ଖସି ଆସୁଥିଲା। ଖାଦ୍ୟ ଉତ୍ପାଦନ କାରଖାନା ନ ଥିବାରୁ ଦରଦାମ ଆକାଶଛୁଆଁ ଥିଲା। ପାଣି ବୋତଲର ଦାମ୍ ୫୦ଟଙ୍କା। ଡାକ୍ତରଙ୍କ ପରାମର୍ଶରେ ସେମାନେ ପପ୍‌କର୍ନ, ମିଠା ଚକୋଲେଟ୍ ଅଧିକ ଖାଉଥିଲେ। ଅଳ୍ପ ଖାଦ୍ୟ ଏବଂ ପ୍ରଚୁର ପାଣି ପିଉଥିଲେ। ଲଦାଖବାସୀ ପର୍ଯ୍ୟଟକପ୍ରେମୀ। ସେମାନଙ୍କ ବ୍ୟବହାର ବେଶ୍ ଭଲ ବୋଲି ଭ୍ରମଣ ଅନୁଭୂତି ବର୍ଣ୍ଣନା କରି ଯାତ୍ରୀମାନେ କହିଛନ୍ତି।

### ଝରଣା ପାଣି ଅପରିଷ୍କାର କଲେ ୫୦୦ ଟଙ୍କା ଜରିମାନା

ଲଦାଖ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳବାସୀ ଝରଣା ପାଣି ବ୍ୟବହାର କରନ୍ତି। ତେଣୁ ଏଠାରେ ଝରଣା ପାଣି ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ। ପାଣି ଅପରିଷ୍କାର କରୁଥିବା ନଜରକୁ ଆସିଲେ ୫୦୦ ଟଙ୍କା ଯାଏ ଜରିମାନା ଗଣିବାକୁ ପଡ଼େ। ଚାଇନା ସୀମାନ୍ତ ପାଙ୍ଗଗନ୍ ଲେକ୍‌ରେ କାଚକେନ୍ଦୁ ଭଳି ନୀଳ ଜଳରାଶି ସୁନ୍ଦର। ଏଠାରେ ଭାରତୀୟ ସେନାର ପାଟ୍ରୋଲିଂ ବେଶ୍ ଆକର୍ଷଣୀୟ। ଲେକ୍ ନିକଟରେ ଇକୋ ଟୁରିଜମ୍ ଟେଣ୍ଟ ରହିଛି। ଖାଦ୍ୟ ଏବଂ ରହଣି ବାବଦରେ ୩ଜଣ ପିଛା ଗୋଟିଏ ତମ୍ବୁ ଲାଗି ଦିନକୁ ୪ ହଜାର ଟଙ୍କା।

### ଟୁର୍‌ଟୁକ୍‌ରେ ଗୁରୁତର ହୋଇପଡ଼ିଥିଲେ ହିତେଶ

ସମୁଦ୍ର ପତନଠାରୁ ୧୮,୫୦୦ ଫୁଟ୍ ଉଚ୍ଚତାରେ ରହିଛି ଭାରତ ସୀମାର ଶେଷ ଗ୍ରାମ ଟୁର୍‌ଟୁକ୍। ଏହି ଗ୍ରାମ ପରିଦର୍ଶନ ବେଳେ ହିତେଶଙ୍କ ଅକ୍ସିଜେନ ସ୍ତର ୫୨କୁ ଖସି ଆସିଥିଲା। ଗୁରୁତର ହୋଇପଡ଼ିବାରୁ ମାଇଟି ଚାଙ୍ଗଲା ହସ୍ପିଟାଲରେ ସାମରିକ କର୍ମଚାରୀ ତାଙ୍କର ଚିକିତ୍ସା କରିଥିଲେ। ଅକ୍ସିଜେନ ଦେବା ପରେ ସେ ସୁସ୍ଥ ହୋଇଥିଲେ।

### ଉଜ୍ଜୀବିତ ହେଲା କାରଗିଲ୍ ଯୁଦ୍ଧ ସ୍ମୃତି

ନୁବ୍ରା ଉପତ୍ୟାକା ଭାରତର ଅନ୍ୟତମ ସୁନ୍ଦରତମ ସ୍ଥାନ ଭିତରୁ ଗୋଟିଏ। ଏହାର ନିକଟବର୍ତ୍ତୀ ଖରଦୁଙ୍ଗାଲା ବିଶ୍ୱର ସବୁଠୁ ମୋଟରେବୁଲ ରୋଡ୍। ବରଫାବୃତ୍ତ ଅଞ୍ଚଳରେ ଗାଡ଼ି ଚଳାଇବା ସହଜ ନ ଥିଲା। କାରଗିଲ ଡ୍ରାସ୍ ସେକ୍ଟରରେ ଅଭିଯାତ୍ରୀ ଦଳ ରାତ୍ରିଯାପନ କରିଥିଲେ। କାରଗିଲରେ ପାଦ ରଖିବା କ୍ଷଣି ଯୁଦ୍ଧ ସ୍ମୃତି ଉଜ୍ଜୀବିତ ହୋଇଗଲା। କାରଗିଲ ଡ୍ରାସ୍ ୱାର ମେମୋରିଆଲ ଦେଖିବା ପରେ ସେମାନେ ଭାବବିହ୍ୱଳ ହୋଇପଡ଼ିଥିବା କହିଛନ୍ତି।

## ଶ୍ରୀରବିଶଙ୍କରଙ୍କ ବିଦ୍ୟାମନ୍ଦିରରେ ସ୍ୱାଗତ ଉତ୍ସବ

**କାମାକ୍ଷାନଗର, ୧୮।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମୁଣ୍ଡିଦେଉଳିସ୍ଥିତ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରରେ ଚଳିତ ଶିକ୍ଷାବର୍ଷରେ ନାମ ଲେଖାଇଥିବା ନବାଗତ ଛାତ୍ରୀଛାତ୍ରଙ୍କୁ ନେଇ ଶନିବାର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଗୁରୁ ରବିଶଙ୍କରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିକ୍ଷକ ଜ୍ୟୋତିରଞ୍ଜନ ପରିଡ଼ା ଗୁରୁ ବନ୍ଦନା, ଗଣେଶ, ସରସ୍ୱତୀଙ୍କ ଶ୍ଲୋକ ଗାନ କରିଥିଲେ। ଅଧକ୍ଷ ଦାୟିତ୍ୱରେ ଥିବା ଚିରଞ୍ଜୀବୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ।



## ଜ୍ୟୋତିର୍ବିଦ୍ ସୁରେଶ ଆଚାର୍ଯ୍ୟ ସମ୍ବର୍ଦ୍ଧିତ



ଜ୍ୟୋତିର୍ବିଦ ସୁରେଶ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବଇଣ୍ଡା,୧୮।୬(ଡି.ଏନ.ଏ.)** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମର ଜ୍ୟୋତିର୍ବିଦ୍ ସୁରେଶ ଆଚାର୍ଯ୍ୟଙ୍କୁ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ପ୍ରଥମ ଜାତୀୟ ଜ୍ୟୋତିଷ ଶାସ୍ତ୍ର କର୍ମଶାଳା ୨୦୨୨ରେ ସମ୍ବର୍ଦ୍ଧିତ କରାଯାଇଛି। ଜ୍ୟୋତିଷ ବିଦ୍ୟାରେ ନୈପୁଣ୍ୟ ଲାଭ କରିଥିବାରୁ ତାଙ୍କୁ ଜ୍ୟୋତିଷ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଜ୍ୟୋତିଷ ଶାସ୍ତ୍ର ବିଭାଗର ସହକାରୀ ପ୍ରଫେସର ଚିତ୍ତରଞ୍ଜନ ନାୟକ ଆବାହକତ୍ୱ ଏବଂ ଜମ୍ମୁକଶ୍ମୀର କେନ୍ଦ୍ରୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ବିଶ୍ୱ ବିଦ୍ୟାଳୟର କୁଳପତି ହରିହର ହୋତା ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁବାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତାକଡ଼ରୁ ମୃତଦେହ ଜବତ

**ଭାପୁର, ୧୮।୬(ଡି.ଏନ୍.ଏ.)**

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ପଶ୍ଚିମେଶ୍ୱର ମନ୍ଦିର ନିକଟ ପୁରୁଣା କଟକ–ସମ୍ବଲପୁର ରାସ୍ତାକଡ଼ରୁ ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ଜବତ କରାଯାଇଛି। ମୃତକ ହେଲେ ଯାଜପୁର ଜିଲା ଟମକା ଥାନା ଅଞ୍ଚଳର ଶ୍ରୀକାନ୍ତ ବଳ (୩୬)। ମୃତଦେହ ନିକଟରେ ଏକ ବାଇକ୍ ପଡ଼ିଥିବା ବେଳେ ବାମପଟ ଛାତିରେ ଦାଗ ରହିଛି। ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି।

### ବଜରଙ୍ଗ ଦଳର ବିକ୍ଷୋଭ

**ଅନୁଗୋଳ ଅଫିସ, ୧୮।୬**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଏମ୍‌ଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ୍ ଓ୍ୱାଇସି ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ଅନୁଗୋଳ ଜିଲା ବଜରଙ୍ଗ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଜିଲା ସଂଯୋଜକ ପ୍ରଭାତ ବାରିକଙ୍କ ନେତୃତ୍ୱରେ ସ୍ଥାନୀୟ ଥାନା ଛକଠାରେ ପ୍ରତିବାଦ କରାଯାଇଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସହ ସଂଯୋଜକ ରାହୁଲ ଅନୁରାଗ, ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି ସୁବାସ ଚନ୍ଦ୍ର ଗଡନାୟକ, ପ୍ରମୋଦ ମୋଦି, ଲମ୍ବୋଧର ବେହେରା, ବିଶୁ ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇ ବିରୋଧ ପ୍ରଦର୍ଶନ କରିଥିଲେ।

## ୨୧ ତାରିଖ ପୂର୍ବରୁ ରିପୋର୍ଟ ପ୍ରଦାନ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୧୮।୬**

### ସୁନେତ୍ର ଯୋଜନାରେ ଦୁର୍ନୀତି ମାମଲା

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ‘ସୁନେତ୍ର’ ଯୋଜନାରେ କରାଯାଇଥିବା ମୋତିଆବିନ୍ଦୁ ଅସ୍ତ୍ରୋପଚାରରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଆସନ୍ତା ୨୧ ତାରିଖ ସୁଦ୍ଧା ସମସ୍ତ ରୋଗୀଙ୍କ ସମ୍ପର୍କରେ ନିର୍ଭୁଲ କେସ୍ ରିପୋର୍ଟ ପ୍ରଦାନ କରିବାକୁ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ପରେ ଜିଲା ଚିକିତ୍ସାଳୟରେ ହଇଚଇ ସୃଷ୍ଟି ହୋଇଛି।

ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସ୍ଥାନରୁ ରୋଗୀଙ୍କୁ ଅଣାଯାଇ ‘ସୁନେତ୍ର’ ଯୋଜନାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଉଛି। ତେବେ ୨୦୧୭–୧୮ ବର୍ଷରେ ଏଥିରେ ପ୍ରାୟ ୫୦ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ଅଡିଟ୍ କରାଯାଇଥିଲେ ମଧ୍ୟ ଏତେ ବିଭ୍ରାଟ ହୋଇଛି ଯେ ଅଡିଟ୍ ସରିପାରି ନ ଥିଲା। ଏ ନେଇ ଲୋକାୟୁକ୍ତରେ ନଂ. ୨୯୭/୨୦୨୧ରେ ମାମଲା ରୁଜୁ ହୋଇଥିଲା। ଏହାପରେ ଦୁର୍ନୀତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ କଟକ ଭିଜିଲାନ୍ସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ପତ୍ରସଂଖ୍ୟା ୩୩୫୯/ଭିଜ୍ ସିଡି ୧୦।୦୬।୨୨ ଅନୁଯାୟୀ ଅସ୍ତ୍ରୋପଚାର ସମ୍ପର୍କିତ ପୂର୍ଣ୍ଣାଙ୍ଗ ତଥ୍ୟ ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହାପରେ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥା ବଢ଼ିଛି। ସିଡିଏମ୍‌ଓଙ୍କ ପତ୍ରସଂଖ୍ୟା ୨୩୧୨, ତା୧୭।୦୬।୨୨ରିଖ ଅନୁଯାୟୀ କେସ୍ ରେକର୍ଡଗୁଡ଼ିକୁ ଠିକ୍ କରି ଜୁନ୍ ୨୧ ପୂର୍ବରୁ ଦାଖଲ କରିବା ଲାଗି ଜୋର୍‌ସୋର୍‌ରେ ଉଦ୍ୟମ କରାଯାଉଛି। ଏଥିଲାଗି ୭ଜଣ କର୍ମଚାରୀଙ୍କୁ ୧୨ ଘଣ୍ଟିଆ କାର୍ଯ୍ୟରେ ନିୟୋଜିତ କରାଯାଇଛି। ସେମାନେ ୧୭ରୁ ୧୯ ତାରିଖ (ରବିବାର ସମେତ) ଯାଏ ସକାଳ ୮ଟାରୁ ରାତି ୮ ପର୍ଯ୍ୟନ୍ତ ଏହି କାର୍ଯ୍ୟ କରିବେ। ପ୍ରାୟ ୪୦ ହଜାର ରୋଗୀଙ୍କ ତଥ୍ୟ ସଂଗ୍ରହ କରିବାକୁ ସେମାନେ ଦିନରାତି ଏକ୍ କରିଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କୁହନ୍ତି, ୨୧ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବା ପାଇଁ ଚିଠି ଆସିଛି। ତାଙ୍କ ସମୟରେ ଏଭଳି କୌଣସି ଦୁର୍ନୀତି ହୋଇ ନ ଥିବା ସେ ସ୍ପଷ୍ଟୀକରଣ ଦେଇଛନ୍ତି।

## ପୁସ୍ତକ ‘ଚରୈବେତୀ’ ଉନ୍ମୋଚିତ

**ଢେଙ୍କାନାଳ ଅଫିସ, ୧୮।୬**

ଢେଙ୍କାନାଳ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ଥିଙ୍କର୍ସ ଫୋରମ୍‌ର ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ପୁସ୍ତକ ‘ଚରୈବେତୀ’ ଉନ୍ମୋଚିତ ହୋଇଛି। ମହନ୍ତ ମହାରାଜ ଶ୍ରୀଶ୍ରୀ ବ୍ରହ୍ମାନନ୍ଦ ଦାସ, ବିଶିଷ୍ଟ ଭାଷାବିତ୍ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ବରିଷ୍ଠ ସାହିତ୍ୟିକ ନିର୍ମଳ ଚନ୍ଦ୍ର ଦାସ ଏହାକୁ ଉନ୍ମୋଚନ କରିଥିଲେ। ଅତିଥିମାନେ ରାମାୟଣ ଶିକ୍ଷା ବିଷୟରେ ଆଲୋକପାତ କରିବା ସହ ସୁସ୍ଥ ପରିବାର ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଭାପତି ସୌମେନ୍ଦୁ ଶତପଥୀ ଫୋରମ୍‌ର ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବରିଷ୍ଠ ସଦସ୍ୟ ଦେବୀ ପ୍ରସାଦ ପାଣି, ସଦସ୍ୟା ସୁନୀତା ପଟ୍ଟନାୟକ, ଅତିଥି ସଦସ୍ୟ କଲ୍ୟାଣ କାନୁନ୍‌ଗୋ ଉଦ୍‌ବୋଧନ ଦେଇଥିଲେ। ବରିଷ୍ଠ ସଦସ୍ୟ ପତିତପାବନ ରାଉତଙ୍କ ପୌରୋହିତ୍ୟ ଏବଂ କବି ବିବେକାନନ୍ଦ ଷଡ଼ଙ୍ଗୀଙ୍କ ସଂଯୋଜନାରେ କବି ବୈକୁଣ୍ଠନାଥ ଦ୍ୱିବେଦୀ, ଭୋଜରାଜ ସାହୁ, ପ୍ରେମାନନ୍ଦ ରାଉତ, ପ୍ରକାଶ ଚନ୍ଦ୍ର ରାଉତ, ସୁଶୀଲ ନନ୍ଦ, ରାମଚନ୍ଦ୍ର ଦେବତା, ଦେବପ୍ରସାଦ ସାହୁ, ଶଙ୍କର୍ଷଣ ଶତପଥୀ, ଦୁର୍ଗାଚରଣ ରାଉତ, ରବୀନ୍ଦ୍ର ସାହୁ, ବିଭୁ ଦ୍ୱିବେଦୀ, ବିଦ୍ୟାଧର ବାରିକ, ବୈକୁଣ୍ଠ ବିହାରୀ ସ୍ୱାଇଁ, ସଂଯୁକ୍ତା ଶରଣ, ନନ୍ଦିକେଶ୍ୱରୀ ନାଥ, ବିଶ୍ୱପ୍ରଜ୍ଞା ଷଡ଼ଙ୍ଗୀ, ଅଂଶିତା ପଟ୍ଟନାୟକ କବିତା ପାଠ କରିଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ବିବରଣୀ ପାଠ କରିଥିବାବେଳେ ପ୍ରେମାନନ୍ଦ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ବିନୋଦ ମଲ୍ଲିକ, ପତିତପାବନ ରାଉତ, ଅବିନାଶ ପଟ୍ଟନାୟକ, ଦେବୀ ପ୍ରସାଦ ପାଣି, ଉପଦେଷ୍ଟା ଟଙ୍କଧର ବେହେରା, ସାଙ୍ଗଠନିକ ସମ୍ପାଦକ ବିଶ୍ୱଜିତ ବରାଳ, ଉରଜିତ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।




ପୁସ୍ତକ ଉନ୍ମୋଚନ ଅବସରରେ ଅତିଥିମାନେ।

## ପ୍ରସ୍ତୁତ ରହିଲେ ସହଜ ହେବ ବିପର୍ଯ୍ୟୟ ମୁକାବିଲା

**ଢେଙ୍କାନାଳ ଅଫିସ, ୧୮।୬**

ଢେଙ୍କାନାଳ ଜିଲାରେ ସମ୍ଭାବ୍ୟ ବନ୍ୟା, ବାତ୍ୟାର ସଫଳ ମୁକାବିଲା କରିବା ପାଇଁ ଶନିବାର ପୂର୍ବାହ୍ଣରେ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଟେବୁଲଟପ୍ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଅଧକ୍ଷତା କରି ପ୍ରସ୍ତୁତ ରହିଲେ ବିପର୍ଯ୍ୟୟ ମୁକାବିଲା ସହଜ ହେବ ବୋଲି କହିଥିଲେ। ଜୁନ୍‌ରୁ ଅକ୍ଟୋବର ପର୍ଯ୍ୟନ୍ତ ପ୍ରାକୃତିକ ବିପର୍ଯ୍ୟୟ ଘଟିବା ଆଶଙ୍କା ବେଶି। ତେଣୁ ପ୍ରତିସ୍ତରରେ ସତର୍କ ରହିବା ଜରୁରୀ। ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏଥିପ୍ରତି ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

ଭୁବନ, ଗଁଦିଆ ବ୍ଲକର ଖାଲୁଆ ଅଞ୍ଚଳ ପ୍ରତି ବିଶେଷ ଧ୍ୟାନ ଦେବା, ଲୋକଙ୍କୁ ସ୍ଥାନାନ୍ତର ବ୍ୟବସ୍ଥା, ବାତ୍ୟା ଆଶ୍ରୟସ୍ଥଳରେ ଆବଶ୍ୟକ ଖାଦ୍ୟ ସାଙ୍ଗକୁ ଜରୁରୀ ଉପକରଣ ମହଜୁଦ୍ ରଖିବା ଲାଗି ଜିଲାପାଳ ବଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାବାତ୍ୟା ହେଲେ ପ୍ରଭାବିତ ସଡ଼କକୁ ଗମନାଗମନ ଉପଯୋଗୀ କରିବା ଲାଗି ଓଡ୍ରାଫ୍ ଟିମ୍‌କୁ କୁହାଯାଇଛି। ସ୍କୁଲ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବା, ବନ୍ୟା ସମୟରେ ଦେଶୀ ଡଙ୍ଗାରେ ପାର ହେବାବେଳେ ସର୍ବାଧିକ ସତର୍କତା ଅବଲମ୍ବନ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି। ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ସମ୍ପାଦକ ଧୀରେନ୍ଦ୍ର କୁମାର ସାହୁ କହିଲେ, ବୈଷୟିକ ଜ୍ଞାନକୌଶଳର ଉପଯୋଗ ଫଳରେ ପ୍ରାକୃତିକ ବିପର୍ଯ୍ୟୟର ପୂର୍ବସୂଚନା ମିଳିପାରୁଛି। ତୃଣମୂଳସ୍ତରରେ ଜନସାଧାରଣ ସୂଚନା ମୁତାବକ ସଚେତନ ହୋଇ ଶାରୀରିକ ଓ ମାନସିକସ୍ତରରେ ପ୍ରସ୍ତୁତ ହୋଇ ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟକୁ ସାହାଯ୍ୟ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଡିଜାଷ୍ଟର ରିସ୍କ ରିଡକ୍ସନ କନସଲଟାଣ୍ଟ ସଙ୍ଗୀତା ଦାସ ପୂର୍ବ ପ୍ରସ୍ତୁତି ସମ୍ପର୍କିତ ସବିଶେଷ ତଥ୍ୟ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧମରେ ପ୍ରଦର୍ଶନ କରିଥିଲେ। ଆବଶ୍ୟକ ସମୟରେ ସାଟେଲାଇଟ୍ ଫୋନ, ପାୱାର ବୋଟ୍ ବ୍ୟବସ୍ଥା କରାଯିବ।




ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ।

### ମକ୍‌ଡ୍ରିଲ୍ ପାଇଁ ଟେବୁଲ ଟପ୍ ଅଭ୍ୟାସ

ସ୍ୱେଚ୍ଛାସେବୀ, ସ୍ଥାନୀୟ ଯୁବକଙ୍କ ସହଯୋଗ ଲୋଡ଼ାଯିବ। ବିପର୍ଯ୍ୟୟ ସମୟରେ ପ୍ରଭାବିତଙ୍କ ସ୍ୱାସ୍ଥ୍ୟରକ୍ଷା, ଗର୍ଭବତୀ, ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ, ଶିଶୁଙ୍କ ସୁରକ୍ଷା, ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବା, କୃଷିଜାତ ଦ୍ରବ୍ୟର ସୁରକ୍ଷିତ ଅମଳ, ମାଛଚାଷର ସୁରକ୍ଷା, କ୍ଷତିଗ୍ରସ୍ତଙ୍କୁ ସହାୟତା ସମ୍ପର୍କିତ ପ୍ରସ୍ତୁତି ବିଷୟରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ।

ଆପାତ୍‌କାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ସଦର ଏସ୍‌ଡିପିଓ ବିକାଶ ବେଉରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ ପ୍ରମୁଖ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଜି ୭ ସମବାୟ ସମିତିର ନିର୍ବାଚନ

ଛେଣ୍ଡିପଦା, ୧୮।୬(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକର ୭ସମବାୟ ସମିତିରେ ୮ ବୁଥରେ ନିର୍ଦ୍ଦେଶକ ପଦବୀ ନିମନ୍ତେ ରବିବାର ନିର୍ବାଚନ ଅନୁଷ୍ଠିତ ହେବ। ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହା ଚାଲିବ। ଏହାପରେ ଭୋଟ ଗଣତି ହୋଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଟାଙ୍ଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟକୁମୁଣ୍ଡା ଉଚ୍ଚବିଦ୍ୟାଳୟ, ବାଗଡିଆ ସମବାୟ ସମିତି, ରାମଚନ୍ଦ୍ରପୁର ତେବୁଡ ସେବାଶ୍ରମ, ପାତ୍ରପଦା ନୋଡାଲ ପ୍ରାଥମିକ ବିଦ୍ୟାଳୟ, ପରଙ୍ଗଠାରେ ଗୋଟିଏ ଲେଖାଏ ବୁଥ୍ କରାଯାଇଛି। ସେହିପରି ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ୨ଟି ବୁଥ୍ ହୋଇଛି। ମତଗ୍ରହଣ ପୂର୍ବରୁ ସମସ୍ତ ବୁଥ୍‌ରେ କଡ଼ା ପୋଲିସ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ପାରିବାରିକ ଗଣ୍ଡଗୋଳ, ଜଣେ ଗିରଫ

**ଛେଣ୍ଡିପଦା, ୧୮।୬(ସ୍ୱ.ପ୍ର):** ଛେଣ୍ଡିପଦା ଥାନା ପିପଲବାହାଲରେ ପାରିବାରିକ କଳହକୁ ନେଇ ମାରପିଟ୍ ହୋଇଛି। ଗ୍ରାମର ପ୍ରମୋଦ ବେହେରା ଏବଂ ତାଙ୍କ ଭାଇ କୁମୁଦ ବେହେରାଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଶନିବାର ଘର ନିକଟ କୂଅରୁ ପାଣି ନେବାକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ କୁମୁଦ, ସ୍ତ୍ରୀ ଦମୟନ୍ତୀ ଏବଂ ପୁଅ ଦୀପକ ବାଉଁଶରେ ପ୍ରମୋଦଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ କୁମୁଦଙ୍କୁ ଗିରଫ କରିଛି।

### ମିନି ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ବଇଣ୍ଡା, ୧୮।୬(ଡି.ଏନ.ଏ.)-କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ହଣ୍ଡପା ଥାନା ବଇଣ୍ଡାଠାରେ ଶୁକ୍ରବାର ରାତିରେ ଏକ ମିନିଟ୍ରକ୍ ଧକ୍କାରେ ହଣ୍ଡପା ଥାନା ବଡହୁଲା ଗ୍ରାମର ମହେଶ୍ୱର ସାହୁ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମହେଶ୍ୱର ବାଇକ୍ (ନଂ. ଓଡ଼ି ୧୯ ଏଲ୍ ୭୫୫୦)ରେ ହଣ୍ଡପାରୁ ବଡହୁଲା ଆସୁଥିବାବେଳେ ଉକ୍ତ ମିନିଟ୍ରକ୍ (ନଂ.ଏମ୍‌ଏଚ୍ ୦୪ ଏଚ୍‌ଡି ୪୮୨୬) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ପୋଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି। ଏ ନେଇ ନଂ.୧୫୨/୨୨ରେ ଏକ ମାମଲା ରୁଜୁ ହୋଇଛି।

### ରଥଯାତ୍ରା ପାଇଁ ସମୀକ୍ଷା



ଆଠମଲ୍ଲିକ/ ବଇଣ୍ଡା,୧୮।୬(ଡି.ଏନ.ଏ)- କରୋନା କଟକଣା ହଟିବା ପରେ ଆୟୋଜିତ ହେବାକୁ ଯାଉଛି ଆଠମଲ୍ଲିକର ପ୍ରସିଦ୍ଧ ରଥଯାତ୍ରା। ଏହାକୁ ନେଇ ଲୋକଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ରଥଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ଶନିବାର ଏନ୍‌ଏସି ପକ୍ଷରୁ ସମୀକ୍ଷା କରାଯାଇଛି। ବଡଦାଣ୍ଡ ସାହିରେ ବିପଦପୂର୍ଣ୍ଣ ଭାବେ ରହିଥିବା ଗଛ ଡାଳ କଟାଯାଇଛି। ବିଦ୍ୟୁତ୍ ବିଭାଗ ସହାୟତାରେ ହାଇମାଷ୍ଟ ଲାଇଟ୍ ମରାମତି କରାଯାଇଛି। ସମସ୍ତଙ୍କ ସହଯୋଗରେ ରଥଯାତ୍ରା ଆୟୋଜିତ ହେବ। ଏଥିଲାଗି ପଦକ୍ଷେପ ନିଆଯାଉଥିବା ଏନ୍‌ଏସି ଅଧକ୍ଷା ଆଶା କୁମାରୀ ସାହୁ, ଉପାଧକ୍ଷ ଗଦାଧର ସ୍ୱାଇଁ ସୂଚନା ଦେଇଛନ୍ତି।

# ଅନୁଗୋଳରେ ପ୍ରାକ୍ ମୌସୁମୀ ବର୍ଷା

ଅନୁଗୋଳ ଅଫିସ, ୧୮।୬



ବର୍ଷାରେ ଲୋକମାନେ ଯାଉଛନ୍ତି।

■ଅଢ଼େଇ ଘଣ୍ଟା ଧରି ଛେଚିଲା
■ତଳିଆ ଅଞ୍ଚଳରେ ପଶିଲା ପାଣି

ଅନୁଗୋଳରେ ଆରମ୍ଭ ହୋଇଛି ପ୍ରାକ୍ ମୌସୁମୀ ବର୍ଷା। ଆସନ୍ତା ଦୁଇଦିନ ମଧ୍ୟରେ ସାରା ଜିଲାକୁ ମୌସୁମୀ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। ଅନ୍ୟପଟେ ଶନିବାର ଏହାର ପ୍ରଭାବରେ ଅଢ଼େଇ ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଛି। ଗୋଟିଏ ପଟେ ବର୍ଷା ଯୋଗୁ ପରିବେଶ ଶୀତଳ ହୋଇଥିବାବେଳେ ପାଣି ପଶିଯିବାରୁ ସହର ତଳି ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ବଢ଼ିଛି। ପ୍ରାକ୍ ମୌସୁମୀ ପ୍ରଭାବରେ ଶନିବାର ଅନୁଗୋଳ ସହରରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢେ ୨ ଟାରେ ଯାଏ ଅବିଶ୍ରାନ୍ତ ବର୍ଷା ହୋଇଥିଲା। ରାସ୍ତାଘାଟରେ ପାଣି ଢେଉ ଖେଳିଥିବାବେଳେ ସହର ତଳି ବସ୍ତିରେ ପାଣି ପଶିଯାଇଥିଲା। ଏଥିରେ ଲୋକମାନଙ୍କ ରନ୍ଧାଖାଦ୍ୟ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ବର୍ଷା ପୂର୍ବରୁ ନର୍ଦ୍ଦମା ସଫେଇ କରାଯାଇ ନ ଥିବାରୁ ଅବରୋଧ ହୋଇ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସହରବାସୀ କହିଛନ୍ତି। ଅନ୍ୟପକ୍ଷରେ ବର୍ଷାକୁ ନେଇ ଚାଷୀକୂଳ ଉତ୍ସାହିତ ଅଛନ୍ତି। ଗତବର୍ଷ ଅନିୟମିତ ମୌସୁମୀ ବର୍ଷା ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ଏବର୍ଷ ଠିକ୍ ସମୟରେ ବର୍ଷା ଆରମ୍ଭ ହୋଇଛି। ଚଳିତ ସପ୍ତାହରେ ଭଲ ବର୍ଷା ହେଲେ ଚାଷ କାର୍ଯ୍ୟ ଆଗେଇବ ବୋଲି ସେମାନେ ଆଶା ବାନ୍ଧିଛନ୍ତି।

# ଜନହିତକର ପ୍ରକଳ୍ପ ଉଦ୍‌ଘାଟିତ

ଛେଣ୍ଡିପଦା, ୧୮।୬(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକର ବ୍ରାହ୍ମଣବିଲ ପଞ୍ଚାୟତରେ ଶନିବାର ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ ହୋଇଛି। ସରପଞ୍ଚ ଲକ୍ଷ୍ମୀପ୍ରିୟା ଧଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ଯୋଗଦେଇ ବ୍ରାହ୍ମଣବିଲ ନୋଡାଲ ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ, ଅଙ୍ଗନୱାଡି କେନ୍ଦ୍ର, ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରିଥିଲେ। ଛେଣ୍ଡିପଦାର ସାମୂହିକ ବିକାଶ ପାଇଁ ଉଦ୍ୟମ ଜାରିରହିଛି। ଜନସାଧାରଣଙ୍କ ସହଯୋଗ ରହିଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ବିଧାୟକ ମତପ୍ରକାଶ କରିଥିଲେ। ବହୁ ସଂଖ୍ୟାରେ ଗ୍ରାମବାସୀ, ମିଶନ ଶକ୍ତି ସଦସ୍ୟା ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ମିଶନ ଶକ୍ତି ମହିଳାମାନେ।

# ଆଶ୍‌ପଣ୍ଡ ପାଇଁ ଜାଗା ଅଧିଗ୍ରହଣକୁ ବିରୋଧ




କଣିହାଁ ତହସିଲ କାର୍ଯ୍ୟାଳୟ ପରିସରରେ ଡେରେଙ୍ଗବାସିନ୍ଦା।

କଣିହାଁ, ୧୮।୬(ଡି.ଏନ.ଏ)

ନୂତନ ଆଶପଣ୍ଡ ପାଇଁ ଜାଗା ଅଧିଗ୍ରହଣ ପକ୍ରିୟାକୁ ବିରୋଧ କରିଛନ୍ତି କଣିହାଁ ତହସିଲର ଡେରେଙ୍ଗ ଗ୍ରାମବାସୀ। ଏହାର ପ୍ରତିବାଦରେ ଶନିବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ପ୍ରତିବାଦ କରିଛନ୍ତି। ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ନେଇ କାର୍ଯ୍ୟ କରାଯିବ ବୋଲି ତହସିଲଦାର ପତିତପାବନ ଦେବତା ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ମୁତାବକ, ଏନ୍‌ଟିପିସି ପାଉଁଶ ପୋଖରୀ, ଜେଆଇଟିପିଏଲ ପ୍ରକଳ୍ପରେ ଡେରେଙ୍ଗ ବାସିନ୍ଦା ୯୦% ବାସସ୍ଥାନ ଏବଂ ଜଙ୍ଗଲଜମି ହରାଇଛନ୍ତି। ଗ୍ରାମକୁ ବିସ୍ଥାପନ କରିବାକୁ ଦାବି କରାଯାଉଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଅନ୍ୟପଟେ ଗ୍ରାମବାସୀଙ୍କ ଅଜାଣତରେ ଡେରେଙ୍ଗ ମୌଜାର ସରକାରୀ ଖାତା ନଂ. ୭୫୭ରୁ ଅନେକ ପ୍ଲଟ ଇଡକୋକୁ ହସ୍ତାନ୍ତର କରାଯାଇଛି। ଏହାକୁ ଜେଆଇଟିପିଏଲ ପାଇଁ ସଂରକ୍ଷିତ ରଖାଯାଇଛି। ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପ ପାଇଁ ୩୦୦ରୁ ଉର୍ଦ୍ଧ୍ୱ ରେକର୍ଡ ଏବଂ ଜଙ୍ଗଲ କିସମ ଜମି ଗ୍ରାମବାସୀ ଛାଡ଼ିଛନ୍ତି। ଜେଆଇଟିପିଏଲ୍ ପ୍ରକଳ୍ପରେ ମଧ୍ୟ ଜାଗାଯାଇଛି। ଗ୍ରାମର ୫୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ପ୍ରଦୂଷଣର ଶିକାର ହୋଇଛନ୍ତି। ଏସବୁ ସମସ୍ୟା ଲାଗି ରହିଥିବାବେଳେ ଏବେ ପୁନର୍ବାର ଆଶପଣ୍ଡ ପାଇଁ ଜମି ଅଧିଗ୍ରହଣ କରିବାକୁ ଚକ୍ରାନ୍ତ କରାଯାଉଛି। ଇଡ୍‌କୋକୁ ଦିଆଯାଇଥିବା ସମସ୍ତ ଜାଗାର ଲିଜ୍ ବାତିଲ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ଏହାର ପ୍ରତିକାର ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଗ୍ରାମ ସଭାପତି ନୀଳମଣି ବେହେରା, ସମ୍ପାଦକ ଗୁରୁଚରଣ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ଅଙ୍ଗନୱାଡି ସହାୟିକା ପଦବୀ ଚୟନ ନୋହିଲା

ଛେଣ୍ଡିପଦା, ୧୮।୬(ସ୍ୱ.ପ୍ର.)

**ଗ୍ରାମବାସୀ ଜିଦ୍‌ରେ ଅଟଳ**

ଛେଣ୍ଡିପଦା ବ୍ଲକ ଷଣ୍ଢପାଳ ଅଙ୍ଗନୱାଡି ସହାୟିକା ପଦବୀ ଚୟନକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଫଳରେ ଏହାକୁ ବିଭାଗୀୟ ଅଧିକାରୀ ସ୍ଥଗିତ ରଖିଥିବା ଜଣାପଡ଼ିଛି।

ଷଣ୍ଢପାଳ ଅଙ୍ଗନୱାଡି କେନ୍ଦ୍ରର ଖାଲିଥିବା ସହାୟିକା ପଦବୀ ପୂରଣ ପାଇଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି ହୋଇଥିଲା। ଏହି ପଦବୀ ଲାଗି ୫ଜଣ ମହିଳା ଆବେଦନ କରିଥିଲେ। ଗ୍ରାମରେ ବୈଠକ କରାଯାଇ ସର୍ବସମ୍ମତିକ୍ରମେ ଜଣଙ୍କୁ ଚୟନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏ ନେଇ ଗ୍ରାମବାସୀ ସିଡିପିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ତଦନୁଯାୟୀ ଶନିବାର ସିଡିପିଓ ସେବାଷ୍ଟିନା କୁଜୁର, ଏଏନଏମ, ସୁପରଭାଇଜର ପ୍ରମୁଖ ଗ୍ରାମରେ ପହଞ୍ଚିଥିଲେ। ଗ୍ରାମ୍ୟ କମିଟି ପକ୍ଷରୁ ଚୟନ କରାଯାଇଥିବା ମହିଳାଙ୍କୁ ସହାୟିକା ଭାବେ ନିଯୁକ୍ତି ଦେବାକୁ ଗ୍ରାମବାସୀ ଦାବି କରିଥିବାବେଳେ ଗାଇଡ୍‌ଲାଇନ୍ ଅନୁଯାୟୀ ଯୋଗ୍ୟ ବିବେଚିତ ହୋଇଥିବା ମହିଳାଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯିବ ବୋଲି ସିଡିପିଓ କହିଥିଲେ। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ବୈଠକ ସ୍ଥଗିତ ରଖି ସିଡିପିଓ ଏବଂ ଅନ୍ୟ ଅଧିକାରୀମାନେ ପଳାଇଥିଲେ। ଏ ନେଇ ସିଡିପିଓ କୁହନ୍ତି, ସହାୟିକା ପଦବୀ ନିମନ୍ତେ ୫ଜଣ ଆବେଦନ କରିଥିଲେ। ୨ ଜଣ ଆଶାୟୀ ଆବଶ୍ୟକ କାଗଜପତ୍ର ଦେଇ ନ ଥିବାରୁ ସେମାନଙ୍କ ଆବେଦନକୁ ନାକଚ କରାଯାଇଛି। ତେବେ ଆବେଦନପତ୍ର ନାକଚ ହୋଇଥିବା ମହିଳାଙ୍କ ମଧ୍ୟରୁ ଜଣଙ୍କୁ ସହାୟିକା ପଦବୀ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହା ଆଇନସମ୍ମତ ନୁହେଁ। ସରକାରୀ ନିୟମ ଅନୁଯାୟୀ ନିଯୁକ୍ତି ହେବ। ଏଥିଲାଗି ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା ପରେ ତାରିଖ ଧାର୍ଯ୍ୟ କରାଯିବ।



ବୈଠକରେ ଯୋଗଦେଇଥିବା ବିଭାଗୀୟ ଅଧିକାରୀ ଓ ଗ୍ରାମବାସୀ।

# ବୁଲେଟ ବୟ ବଇଣ୍ଡା ଚାମ୍ପିୟନ୍



ଟ୍ରଫି ସହ ଚାମ୍ପିୟନ୍ ଦଳର ଖେଳାଳିମାନେ।

ବଇଣ୍ଡା, ୧୮।୬(ଡି.ଏନ.ଏ.)

**ଗ୍ରାମାଞ୍ଚଳ ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ**

ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ବଡ଼ବର ଗ୍ରାମ ଖେଳପଡ଼ିଆରେ ଚାଲିଥିବା ଏଲ୍‌ସିସି ଗ୍ରାମାଞ୍ଚଳ ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚରେ ଜରପଡା କ୍ରିକେଟ କ୍ଲବକୁ ହରାଇ ବୁଲେଟ ବୟ ବଇଣ୍ଡା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ବଇଣ୍ଡା ଟସ୍ ଜିତି ବ୍ୟାଟିଂ କରି ୧୬୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଜରପଡ଼ା ୧୦୦ ରନ୍ କରି ପରାସ୍ତ ହୋଇଥିଲା। ଚାମ୍ପିୟନ ଦଳର ହାପି ସାହୁ 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିବାବେଳେ ରନର୍ସଅପ୍ ଦୀପକ ସାହୁ 'ମ୍ୟାନ୍ ଅଫ ଦି ସିରିଜ୍' ବିବେଚିତ ହୋଇଛନ୍ତି। ସୁନୀଲ ସାହୁ, ଟିଟୁ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥି ଭାବେ ଲୁଲୁ କୁମାର ପ୍ରଧାନ, ପିଣ୍ଟୁ ସାହୁ, ଟୁକୁନା ପ୍ରଧାନ, ସୁଶୀଲ ସାହୁ, ବାବୁଲି ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

# ସଜାଗ ରହିବାକୁ ନିର୍ଦ୍ଦେଶ



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଅନୁଗୋଳ ଅଫିସ,୧୮।୬

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର କିପରି ମୁକାବିଲା କରି ହେବ ସେ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ ମହାନଦୀ ଓ ବ୍ରାହ୍ମଣୀରେ ପାଣି ଆସି ଖାଲୁଆ ଅଞ୍ଚଳରେ ପାଣି ମାଡ଼ିବାର ସମ୍ଭାବନା ରହିଛି। ସେଥିପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଶସ୍ୟ ମହଜୁଦ ରଖିବା ସହ ଉଦ୍ଧାର କାର୍ଯ୍ୟ ତ୍ୱରାନିତ୍ୱ କରିବା ପାଇଁ ଦେଶୀ ଡଙ୍ଗା ଓ ପାୱାର ବୋଟ ପ୍ରସ୍ତୁତ ରଖିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଟିକରପଡ଼ା, ଆଠମଲ୍ଲିକ, ତାଳଚେର ଓ ଛେଣ୍ଡିପଦାର କିଛି ଅଞ୍ଚଳ ଜଳମଗ୍ନ ହେଉଥିବାରୁ ଆଗୁଆ ପଦକ୍ଷେପ ନେବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ପାରମର୍ଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଆସିଷ୍ଟାଣ୍ଟ କଲେକ୍ଟର ଅଜୟ ଗଡ଼ନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ରୁହ

ଆଠମଲ୍ଲିକ/ବଇଣ୍ଡା/କଣିହାଁ, ୧୮।୬(ଡି.ଏନ.ଏ)



ଆଠମଲ୍ଲିକ ଅଞ୍ଚଳରେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ଆଗକୁ ବର୍ଷା ଆସୁଛି। ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ସଜାଗ ରହିବା ଏବଂ କ୍ଷୟକ୍ଷତି ହ୍ରାସ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଆଠମଲ୍ଲିକ ବ୍ଲକ ସଭାଗୃହ ପରିସରରେ ଅନୁଷ୍ଠିତ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ବ୍ଲକ ଅଧକ୍ଷ ଦୁଃଶାସନ ରାଉଳଙ୍କ ସଭାପତିତ୍ୱରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ସୁମନ୍ତ ବାନାର୍ଜୀ, ଜିଲା ବିପର୍ଯ୍ୟୟ ପରିଚାଳନା ପର୍ଯ୍ୟବେକ୍ଷକ ଦେବେନ୍ଦ୍ର ନାୟକ, ବିଡିଓ ସନ୍ତୋଷ ସାହୁ, ତହସିଲଦାର ସୋଫି ସାଇନିକା, ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ସିଡିପିଓ ତରଙ୍ଗିନୀ ମିର୍ଦ୍ଧା, ଯୋଗାଣ ଅଧିକାରୀ ଶିବାଶିଷ ଜେନା, ଅଗ୍ନିଶମ ଅଧିକାରୀ ଅରୁଣ ନାଏକ, ଏନଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

ସେହିପରି କିଶୋରନଗର ବ୍ଲକ ସଭାଗୃହରେ ଅନୁଷ୍ଠିତ ବୈଠକରେ ବିଡିଓ ଡ. ସ୍ୱରୂପାନନ୍ଦ ସାହୁ, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ବିଦ୍ୟୁତ୍ ବିଭାଗ ଏସଡିଓ ଅକ୍ଷୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି କରାଯାଇଥିବା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ବିଡ଼ିଓ ନିଶାନ ମିଶ୍ର, ତହସିଲଦାର ପତିତପାବନ ଦେବତା, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କଣିହାଁ ଅଗ୍ନିଶମ ଅଧିକାରୀ ରୋହିତ କୁମାର ବେହେରାଙ୍କ ସହିତ କାର୍ଯ୍ୟରତ କର୍ମଚାରୀମାନେ ଏକ ମକ୍‌ଡ୍ରିଲ କରିଥିଲେ। ବିପଦରେ ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯିବ ସେ ନେଇ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।

# ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

ବଇଣ୍ଡା,୧୮।୬(ଡି.ଏନ.ଏ)

**ବିଧାୟକଙ୍କ ଘୋଷରାଖୋଲ ଗ୍ରାମ ଗସ୍ତ**

ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଶନିବାର କିଶୋରନଗର ବ୍ଲକ ସଞ୍ଜମୁରା ପଞ୍ଚାୟତ ଘୋଷରାଖୋଲ ଗସ୍ତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକ କିଭଳି କାର୍ଯ୍ୟକାରୀ ହେବ, ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଗ୍ରାମବାସୀ ଶୋଚନୀୟ ହୋଇପଡ଼ିଥିବା ରାସ୍ତା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଗ୍ରାମବାସୀ ଅଭିଯୋଗ କରିଥିଲେ, ଗ୍ରାମକୁ ଠିକ୍ ଭାବେ ସରକାରୀ ଯୋଜନା ପହଞ୍ଚି ପାରୁନାହିଁ। ଗ୍ରାମକୁ ଯାଇଥିବା ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡିଛି। ସାମାନ୍ୟ ବର୍ଷା ହେଲେ କାଦୁଅ ହୋଇଯାଉଛି। ଯାତାୟାତରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ଆମ୍ବୁଲାନ୍ସ, ଜନନୀ ସୁରକ୍ଷା ଗାଡି, ଦମକଳ ଗାଡି ଆସିପାରୁନାହିଁ। ଏହାକୁ ପକ୍କା କରିବା ପାଇଁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ।

ଜଙ୍ଗଲ ଅଧୁଷିତ ଏହି ଗ୍ରାମରେ ହାତୀ ଉପଦ୍ରବ ଲାଗିରହିଛି। ହାତୀପଲ ଗ୍ରାମାଭିମୁଖୀ ହୋଇ ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ଆଲୋକୀକରଣ ବ୍ୟବସ୍ଥା କରୁନାହିଁ। ଗ୍ରାମର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟଲାଇଟ, ଖୋଳାଯାଇଥିବା ନଳକୂପରେ ହ୍ୟାଣ୍ଡେଲ ଲଗାଇବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ କରାଯିବା ଲାଗି ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ବିଧାୟକଙ୍କ ପ୍ରତିନିଧି କାଳିନ୍ଦୀ ଚରଣ ପ୍ରଧାନ, ସରପଞ୍ଚ କମଳା ପ୍ରଧାନ, ବିବସ୍ୱ ସାହୁ, ରଞ୍ଜନ ପାତ୍ର, କୁଶ କୁମାର ନାୟକ, ଦିଲୀପ ସେଠୀ, ଯତୀନ୍ଦ୍ର ସେଠୀଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ବିଧାୟକଙ୍କ ସମେତ ଗ୍ରାମବାସୀ।

